# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 23 August – 2025

******************************

## ମୁଖ୍ୟ ସମ୍ବାଦ

- ରାମଚଣ୍ଡୀଠାରେ ଏକ ଜାତୀୟସ୍ତରୀୟ ଜଳଦକ୍ଷତା ଓ ଜୀବନରକ୍ଷା କେନ୍ଦ୍ର ପ୍ରତିଷ୍ଠା କରାଯାଉଛି; କହିଲେ ମୁଖ୍ୟମନ୍ତ୍ରୀ

– ଓଡ଼ିଶା ଅଗ୍ନିଶମ ଏବଂ ବିପତ୍ତି ନିସ୍ତାର ପ୍ରତିଷ୍ଠାନରେ ଦୀକ୍ଷାନ୍ତ ସମାରୋହରେ ଯୋଗଦାନ

- ରାଜ୍ୟର ୧୦୦ଟି ବିଦ୍ୟାଳୟରେ ଯୁକ୍ତ ଦୁଇ ପର୍ଯ୍ୟନ୍ତ ଶିକ୍ଷାଦାନ ପାଇଁ ବ୍ୟବସ୍ଥା କରାଯିବ; କହିଲେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ

- ପୁରୀ ଶ୍ରୀମନ୍ଦିରରେ ସପ୍ତପୁରୀ ଅମାବାସ୍ୟା ପାଇଁ ସ୍ୱତନ୍ତ୍ର ନୀତିକାନ୍ତି

ଏବଂ

- ଲଘୁଚାପର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା; ଆସନ୍ତା ସୋମବାର ସୁଦ୍ଧା ଆଉ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ସମ୍ଭାବନା

**BBSR/R**

# ମୁଖ୍ୟମନ୍ତ୍ରୀ– ଦୀକ୍ଷାନ୍ତ

ଅଗ୍ନିଶମ କର୍ମଚାରୀଙ୍କ ପ୍ରଶିକ୍ଷଣର ମାନବୃଦ୍ଧି ପାଇଁ ୧୦ କୋଟି ଟଙ୍କା ବ୍ୟୟ ଅଟକଳରେ ଏକ ବିଶ୍ୱସ୍ତରୀୟ ଷ୍ଟିମୁଲେଟର ପ୍ରତିଷ୍ଠା କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱରସ୍ଥିତ ଓଡ଼ିଶା ଅଗ୍ନିଶମ ଏବଂ ବିପତ୍ତି ନିସ୍ତାର ପ୍ରତିଷ୍ଠାନରେ ୬୧ତମ ଦୀକ୍ଷାନ୍ତ ସମାରୋହରେ ଯୋଗଦେଇ ଶ୍ରୀ ମାଝୀ କହିଛନ୍ତି, କୋଣାର୍କର ରାମଚଣ୍ଡୀଠାରେ ୧୨ କୋଟି ଟଙ୍କା ବ୍ୟୟବରାଦରେ ଏକ ଜାତୀୟସ୍ତରୀୟ ଜଳଦକ୍ଷତା ଏବଂ ଜୀବନରକ୍ଷା କେନ୍ଦ୍ର ପ୍ରତିଷ୍ଠା କରାଯାଉଛି। ଅଗ୍ନିସେବାରେ ବିଭିନ୍ନ ନୂତନ ଜ୍ଞାନକୌଶଳର ଆପଣାଇବାରେ ଓଡ଼ିଶା ଅଗ୍ରଣୀ ଭୂମିକା ଗ୍ରହଣ କରିଛି। କାର୍ଯ୍ୟଦକ୍ଷତା ଭିତ୍ତିରେ ରାଜ୍ୟ ଦେଶର ସର୍ବଶ୍ରେଷ୍ଠ ତିନି ରାଜ୍ୟ ମଧ୍ୟରେ ସ୍ଥାନ ପାଇବ ବୋଲି ଶ୍ରୀ ମାଝୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ରାଜ୍ୟରେ ଥିବା ୩୪୬ଟି ଦମକଳ କେନ୍ଦ୍ର ଗତ ଏକ ବର୍ଷ ମଧ୍ୟରେ ୫୦ ହଜାରରୁ ଊର୍ଦ୍ଧ୍ୱ ଫୋନ୍ କଲ ସହ ୭ ହଜାରରୁ ଊର୍ଦ୍ଧ୍ୱ ମୂଲ୍ୟବାନ ଜୀବନ ଏବଂ ୧୭ ହଜାରରୁ ଊର୍ଦ୍ଧ୍ୱ ପ୍ରାଣୀଙ୍କୁ ଉଦ୍ଧାର କରିପାରିଛନ୍ତି। ଆସନ୍ତା ମାସରୁ ଏନ୍.ଡି.ଆର୍.ଏଫ୍ ସହାୟତାରେ ଚାରୋଟି କ୍ଷେତ୍ରରେ ଅଗ୍ନିଯୋଦ୍ଧାଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

**- V/O –**

CTC/R/V/

# ଧର୍ମେନ୍ଦ୍ର ପ୍ରଧାନ କଟକ ଗସ୍ତ

ରାଜ୍ୟର ୧୦୦ଟି ବିଦ୍ୟାଳୟରେ ଯୁକ୍ତ ଦୁଇ ପର୍ଯ୍ୟନ୍ତ ଶିକ୍ଷାଦାନ ପାଇଁ ବ୍ୟବସ୍ଥା କରାଯିବ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। କଟକସ୍ଥିତ କମଳାକାନ୍ତ ବିଦ୍ୟାପୀଠର ହୀରକ ଜୟନ୍ତୀ ସମାରୋହର ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି, ଏ ନେଇ ରାଜ୍ୟ ସରକାରଙ୍କୁ ପରାମର୍ଶ ଦିଆଯିବ।

ଏହା ପୂର୍ବରୁ ଶ୍ରୀ ପ୍ରଧାନ କଟକ ରେଭେନ୍ସା କଲିଜିଏଟ୍ ସ୍କୁଲର ୧୭୫ତମ ବାର୍ଷିକ ପୁରସ୍କାର ବିତରଣ ଉତ୍ସବରେ ଯୋଗଦେଇ କହିଥିଲେ, ଆସନ୍ତା ୨୦୩୬ ମସିହାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ୧୦୦ ବର୍ଷ ପୂରଣ ହେବ। ଏହି ସମୟରେ ଛାତ୍ରଛାତ୍ରୀମାନଙ୍କୁ ଅପପୁଷ୍ଟିରୁ ସୁରକ୍ଷା ଏବଂ ମାତୃଭାଷାରେ ଶିକ୍ଷାଦାନ ଦୁଇଟି ଗୁରୁଦାୟିତ୍ୱ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଏହି ଅବସରରେ ଶ୍ରୀ ପ୍ରଧାନ ପୁରାତନ ଛାତ୍ର ସଂସଦର ୱେବସାଇଟ୍‌କୁ ଉନ୍ମୋଚନ କରିଥିଲେ।

ଶ୍ରୀ ପ୍ରଧାନ ମଧୁପାଟଣା ନୂଆପଡ଼ାଠାରେ କେନ୍ଦ୍ରୀୟ ବିଦ୍ୟାଳୟ-ଦୁଇର ଦ୍ୱିତୀୟ ସ୍ଥାୟୀ କ୍ୟାମ୍ପସ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି କ୍ୟାମ୍ପସ ପାଇଁ ପ୍ରାୟ ୪୦ କୋଟି ଟଙ୍କା ଖର୍ଚ୍ଚ ହେବା ସହ ଏହାର ନିର୍ମାଣ କାର୍ଯ୍ୟ ଆସନ୍ତା ଦୁଇ ବର୍ଷ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି।

## ରାଜ୍ୟପାଳ– ସମୀକ୍ଷା

ଜନଜାତିଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନାଗୁଡ଼ିକର କାର୍ଯ୍ୟାନ୍ୱୟନ ସମୟରେ ଅଧିକାରୀମାନେ ମାନବିକ ଓ ସହାନୁଭୂତିଶୀଳ ଆଭିମୁଖ୍ୟ ଗ୍ରହଣ କରିବାକୁ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ପରାମର୍ଶ ଦେଇଛନ୍ତି। ଭୁବନେଶ୍ୱର ରାଜଭବନଠାରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଏବଂ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ରାଜ୍ୟପାଳ କାର୍ଯ୍ୟାବଳୀ ସମୀକ୍ଷା କରିଛନ୍ତି। ଏହି ଅବସରରେ ରାଜ୍ୟପାଳ ସାମାଜିକ ସୁରକ୍ଷା ଯୋଜନାରେ ଅଧିକରୁ ଅଧିକ ହିତାଧିକାରୀମାନଙ୍କୁ ସାମିଲ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

HS

## ବାୟୁ ଗୁଣବତ୍ତା ବୈଠକ

ରାଜ୍ୟସ୍ତରୀୟ ବାୟୁ ଗୁଣବତ୍ତା ମନିଟରିଂ କମିଟିର ଦଶମ ବୈଠକ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ଅଧ୍ୟକ୍ଷତା କରି ରାଜ୍ୟର ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ପଦକ୍ଷେପଗୁଡ଼ିକର ସ୍ଥିତି ଏବଂ ଅଗ୍ରଗତି ଉପରେ ସମୀକ୍ଷା କରିଛନ୍ତି। ସ୍ୱଚ୍ଛ ବାୟୁ ପଦକ୍ଷେପ ପ୍ରମୁଖ ଦିଗ ଏବଂ ଏଥିପାଇଁ ଉପଲବ୍ଧ ଅର୍ଥରାଶିର ସୁବିନିଯୋଗ ଉପରେ ବୈଠକରେ ଆଲୋଚନା ହୋଇଥିଲା। ରାଜ୍ୟର ୭ଟି ସହରରେ ପିଏମ୍-୧୦ ସାନ୍ଦ୍ରତାର ବିଶ୍ଳେଷଣ କ୍ଷେତ୍ରର ଉନ୍ନତି ପରିଲକ୍ଷିତ ହୋଇଛି। ସ୍ୱଚ୍ଛ

ବାୟୁ କ୍ଷେତ୍ରରେ କଟକ ସହର ବିଶେଷ ଉନ୍ନତି ହାସଲ କରିଥିବା ବୈଠକରୁ ଜଣାପଡ଼ିଛି ।

***Puri/R***

## ସପ୍ତପୁରୀ ଅମାବାସ୍ୟା

ପୁରୀ ଶ୍ରୀମନ୍ଦିରରେ ଆଜି ସପ୍ତପୁରୀ ଅମାବାସ୍ୟା ନୀତି ଅନୁଷ୍ଠିତ ହୋଇଛି । ଶ୍ରୀଜୀଉଙ୍କ ଅବକାଶ ନୀତି ସରିବା ପରେ ସକାଳଧୂପରେ ସ୍ୱତନ୍ତ୍ର ରୂପେ ପ୍ରସ୍ତୁତ ସାତପୁରୀ ଭୋଗ ରୋଷ ଘରୁ ଆସିଥିଲା । ପରେ ପୂଜା ପଣ୍ଡା ସେବକଙ୍କ ଦ୍ୱାରା ଷୋଡ଼ଶ ଉପଚାରରେ ଭୋଗ ଲାଗି ହୋଇଥିଲା । ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ବିଶେଷ ପୂଜା ନୀତି ସହ ଆଜି ସନ୍ଧ୍ୟାଧୂପ ପରେ ବସ୍ତ୍ର ହରଣ ପ୍ରସ୍ତାବ ସହ ମହାପ୍ରଭୁଙ୍କ ବିଜେ ପ୍ରତିମା ଶ୍ରୀନାରାୟଣ ସାଗର ବିଜେ କରିବେ । ଏହି ବିଶେଷ ନୀତି ପାଇଁ ଗତକାଲିଠାରୁ କୁମ୍ଭାରପଡ଼ା ନିକଟରେ ଥିବା ମା' ଆଲାମଚଣ୍ଡୀ ମନ୍ଦିରରୁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ଚାରିଗୋଟି ମାଟିର ତାଡ଼ ଶ୍ରୀମନ୍ଦିରକୁ ବିଜେ କରାଯାଇ ବେହରଣ ଦ୍ୱାର ପାଖରେ ଅଚିନ୍ତା ମଣ୍ଡପଠାରେ ରଖାଯାଇଥିଲା । ଲୋକକଥା ଅନୁସାରେ ମା' ଦକ୍ଷିଣକାଳୀ' ମହାପ୍ରଭୁଙ୍କ ପାଇଁ ସାତ ପ୍ରକାର ପୁରରେ ପିଠା ପ୍ରସ୍ତୁତ କରିଥାନ୍ତି ।

Boudh

## ବୌଦ୍ଧ- ସପ୍ତପୁରୀ ଅମାବାସ୍ୟା

ବୌଦ୍ଧ ଜିଲ୍ଲାର ଇଷ୍ଟଦେବୀ ମା' ଭୈରବୀଙ୍କ ପୀଠରେ ସପ୍ତପୁରୀ ଅମାବାସ୍ୟା ଅବସରରେ ପାରମ୍ପରିକ ରୀତିନୀତି ସହ ସ୍ୱତନ୍ତ୍ର ପୂଜା

ଅନୁଷ୍ଠିତ ହୋଇଯାଇଛି। ମାଟି ନିର୍ମିତ ବାଣ୍ଡୁକୁ ପୂଜା କରାଯିବା ପରେ ନୂତନ ଚାଙ୍ଗୁଡ଼ିରେ ମା'ଙ୍କୁ ଶସ୍ୟଲାଗି କରାଯାଇଥିଲା। ଜିଲ୍ଲାର ବିଭିନ୍ନ ସ୍ଥାନରେ ଆଜି ପୁରାଉଆଁସ ଓ ଲଙ୍କାପୋଡ଼ି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଛୋଟ ପିଲାମାନେ ମାଟିରେ ନିର୍ମିତ ହାତୀ, ଘୋଡ଼ାକୁ ଫୁଲ ଓ ସିନ୍ଦୂର ସହ ସଜ୍ଜିତ କରି ଖେଳିଥାନ୍ତି।

Sambalpur/R/V

## ଅନ୍‌ଲାଇନ୍ ଗେମିଂ

ଅନଲାଇନ ଗେମିଂ ପ୍ରସାର ଓ ନିୟନ୍ତ୍ରଣ ବିଧେୟକ-୨୦୨୫କୁ ରାଷ୍ଟ୍ରପତିଙ୍କ ମଞ୍ଜୁରୀ ମିଳିଛି। ମଞ୍ଜୁରୀ ମିଳବା ପରେ ଆଇନରେ ଥିବା ବ୍ୟବସ୍ଥାଗୁଡିକୁ ଲାଗୁ କରାଯାଇଛି । ଇ-କ୍ରୀଡ଼ା ଏବଂ ଅନଲାଇନ ଖେଳକୁ ପ୍ରୋତ୍ସାହିତ କରିବା ସହିତ ସାଧାରଣ ଜନତାଙ୍କୁ ବେଆଇନ ଅର୍ଥ କାରବାରରୁ ସୁରକ୍ଷା ଦେବା ପାଇଁ ଏହି ବିଧେୟକ ଉପଯୋଗୀ ହୋଇପାରିବ । ଆଇନ ଉଲ୍ଲଂଘନକାରୀଙ୍କୁ ଏହି ଆଇନ ବଦଳରେ ୩ବର୍ଷ ପର୍ଯ୍ୟନ୍ତ ଜେଲ କିମ୍ବା ୧କୋଟି ଟଙ୍କା ପର୍ଯ୍ୟନ୍ତ ଜରିମାନାର ବ୍ୟବସ୍ଥା ରହିଛି । ଏ ସମ୍ପର୍କରେ ସମ୍ବଲପୁରର ବୁଦ୍ଧିଜୀବୀ ଶିବ ମେହେର ପ୍ରତିକ୍ରିୟାରେ କହନ୍ତି...

**- V/O - Siba Meher**

Nabarangpur

## ଗୋପାଳନ ଦକ୍ଷତା ବୃଦ୍ଧି

ନବରଙ୍ଗରପୁର ଜିଲ୍ଲା ଉମରକୋଟସ୍ଥିତ ଓମଫେଡ୍ ସମ୍ମିଳନୀ କକ୍ଷରେ ତିନିଦିନିଆ ଜିଲ୍ଲାସ୍ତରୀୟ ଗୋପାଳନ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆକାଂକ୍ଷୀ ଜିଲ୍ଲା ଅଧୀନସ୍ଥ ଏହି କାର୍ଯ୍ୟକ୍ରମ ଜରିଆରେ ପ୍ରାଣୀ ସମ୍ପଦ ବିକାଶ ଉପରେ ଆଲୋଚନା କରାଯାଇଥିଲା। ଅତିରିକ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡକ୍ଟର ମନୋରଞ୍ଜନ ନନ୍ଦ ଏଥିରେ ଯୋଗଦେଇ ଗୋପାଳନ ଦ୍ୱାରା ଚାଷୀମାନେ ଆତ୍ମନିର୍ଭରଶୀଳ ହୋଇପାରିବେ ବୋଲି କହିଥିଲେ।

Deogarh

## ପ୍ରଶିକ୍ଷଣ ଶିବିର

ଦେବଗଡ଼ ଜିଲ୍ଲା ସମ୍ମିଳନୀ କକ୍ଷରେ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଜରୁରୀକାଳୀନ ଅଧିକାରୀ ହେମନ୍ତ କୁମାର ସିଂହ ଏଥିରେ ଯୋଗଦେଇ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜନସାଧାରଣ ଏହାର ମୁକାବିଲା କରିବା ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

Jajpur

## ଶ୍ରମିକ- ସହାୟତା ରାଶି

ଯାଜପୁର ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ଆଜି ଓଡ଼ିଶା କୋଠାବାଡ଼ି ଓ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଏବଂ ଓଡ଼ିଶା ସଂଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ ପକ୍ଷରୁ ଶ୍ରମିକମାନଙ୍କ କଲ୍ୟାଣ ପାଇଁ ସହାୟତା ରାଶି

ପ୍ରଦାନ କରାଯାଇଛି। ଶ୍ରମିକମାନଙ୍କୁ ମୋଟ ୧ କୋଟି ୬୦ ଲକ୍ଷ ୪୨ ହଜାର ଟଙ୍କାର ଅର୍ଥରାଶି ଦିଆଯାଇଛି।

Subarnpur

## ସଫେଇ ଅଭିଯାନ

ସୁବର୍ଣ୍ଣପୁର ଜିଲ୍ଲାରେ ବ୍ୟାପକ ସଫେଇ ଅଭିଯାନ ମାଧ୍ୟମରେ ଘରେ ଘରେ ସ୍ୱଚ୍ଛତା ସମ୍ପର୍କିତ କର୍ମଶାଳା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ସୋମବାର ସଫେଇ ଅଭିଯାନ ମାଧ୍ୟମରେ ପ୍ରତ୍ୟେକ ଘରେ ସ୍ୱଚ୍ଛତାର ବାର୍ତ୍ତା ପହଁଞ୍ଚାଇବା ପାଇଁ ଏହି କର୍ମଶାଳା ଆୟୋଜନ କରାଯାଇଥିଲା। ସମାଜସେବୀ ନୀଳମାଧବ ଦିଗାଲ ଏଥିରେ ଯୋଗଦେଇ ସ୍ୱଚ୍ଛତା ଏବଂ ଏହାର କାର୍ଯ୍ୟକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ପଞ୍ଚାୟତ ସମିତି ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସମେତ ବିଭିନ୍ନ ଅଧିକାରୀମାନେ ଯୋଗ ଦେଇଥିଲେ।

MET/Sambalpur/V/R

## ପାଣିପାଗ-ହୀରାକୁଦ ଜଳଭଣ୍ଡାର

ଗାଙ୍ଗେୟ ପଶ୍ଚିମବଙ୍ଗ ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସକ୍ରିୟ ଲଘୁଚାପ କ୍ଷେତ୍ରର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି। ଆସନ୍ତା ସୋମବାର ସୁଦ୍ଧା ଓଡ଼ିଶା-ପଶ୍ଚିମବଙ୍ଗ ଉପକୂଳର ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଜୁଳି, ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୨୦ଟି ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି।

ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ସନ୍ଧ୍ୟା ୬ଟା ସୁଦ୍ଧା ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୧ ଦଶମିକ ୨/୧ ଘନଫୁଟ ରହିଛି। ପ୍ରତି ସେକେଣ୍ଡରେ ଜଳଭଣ୍ଡାରକୁ ୨ ଲକ୍ଷ ୧୩ ହଜାର ୧୩୫ ଘନଫୁଟ ଜଳ ପ୍ରବେଶ କରୁଛି। ସେହି ସମୟ ମଧ୍ୟରେ ୮ଟି ସ୍ଲୁଇସ୍ ଗେଟ୍ ଦେଇ ୧ ଲକ୍ଷ ୬୧ ହଜାର ୬୯୪ ଘନଫୁଟ ଜଳ ନିଷ୍କାସିତ ହେଉଛି।

*********************************